ଆରବିଆଇ/୨୦୦୬-୦୭/୧୬୩
ଡିବିଓଡି. ନଂ.ଏଲଇଜି.ବିସି.୪୨/୦୯.୦୭.୦୦୫/୨୦୦୬-୦୭

ନଭେମ୍ବର ୧୦, ୨୦୦୬

ପ୍ରାପ୍ତି
**ସମସ୍ତ ଅନୁସୂଚିତ ବ୍ୟବସାୟିକ ବ୍ୟାଙ୍କ**
(ଆଂଚଳିକ ଗ୍ରାମ୍ୟବ୍ୟାଙ୍କ ବ୍ୟତୀତ)

ମହାଶୟ,

**ଗ୍ରାହକ ସେବା-ଡିମାଣ୍ଡ ଡ୍ରାଫ୍ଟର ନକଲ ଜାରୀ**

ଦୟାକରି ମାର୍ଚ୍ଚ ୯, ୨୦୦୦ର ଆମ ପରିପତ୍ର ଡିବିଓଡି ନଂ ବିସି.୧୪୬/୦୯.୦୭.୦୦୭/୯୯-୨୦୦୦ ଦେଖନ୍ତୁ । ଗ୍ରାହକମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟର ନକଲ ଜାରୀ ପାଇଁ ଅନୁରୋଧ ଗ୍ରହଣ କରିବାର ପନ୍ଦର ଦିନ ମଧ୍ୟରେ ଏହା ଜାରୀ କରିବାକୁ ସେଥିରେ ବ୍ୟାଙ୍କ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ପୁନଶ୍ଚ ଏହି ନିର୍ଦ୍ଧାରିତ ସମୟରୁ ଅଧିକ ବିଳମ୍ବ ପାଇଁ ଗ୍ରାହକମାନଙ୍କୁ କ୍ଷତିପୂରଣ ରୂପେ ବ୍ୟାଙ୍କମାନେ ସମାନ ମିଆଦ ବିଶିଷ୍ଟ ସ୍ଥାୟୀ ଜମା ପାଇଁ ଲାଗୁ ହାରରେ ସୁଧ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ।

୨. ଉପରୋକ୍ତ ପରିପତ୍ରରେ 'ଗ୍ରାହକ' ଶବ୍ଦର ବ୍ୟବହାର ନେଇ କେତେକ ସନ୍ଦେହ ଉଠିଥିଲା ଯେ ବ୍ୟାଙ୍କମାନେ କେବଳ କ୍ରେତା/ହିତାଧିକାରୀଙ୍କୁ ପନ୍ଦରଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟର ନକଲ ଜାରୀ କରିବେ କିମ୍ବା କ୍ରେତା ବା ହିତାଧିକାରୀଙ୍କ ବ୍ୟତୀତ ଉକ୍ତ ସାଧନଧାରୀ ଯେ କୌଣସି ବ୍ୟକ୍ତିଙ୍କୁ ଏହି ସେବା ପ୍ରଦାନ କରିବାକୁ ପଡ଼ିବ।

୩. ଏ ସଂକ୍ରାନ୍ତରେ, ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ମାର୍ଚ୍ଚ ୯, ୨୦୦୦ର ପରିପତ୍ରରେ ଡିମାଣ୍ଡ ଡ୍ରାଫ୍ଟ ନକଲ ଜାରୀ କରାଯିବା ପାଇଁ ନିର୍ଦ୍ଧାରିତ ପନ୍ଦରଦିନ ବ୍ୟବସ୍ଥା ଯେଉଁଠି ଡିମାଣ୍ଡ ଡ୍ରାଫ୍ଟର ନକଲ ପାଇଁ କ୍ରେତା ବା ହିତାଧିକାରୀ ଅନୁରୋଧ କରିଥିବେ କେବଳ ସେହି କ୍ଷେତ୍ରରେ ପ୍ରଯୁଜ୍ୟ ହେବ ଅନ୍ୟ କୌଣସି ତୃତୀୟ ପକ୍ଷର ପରାଙ୍କନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହେବ ନାହିଁ ।

୪. ଦୟାକରି ପ୍ରାପ୍ତି ସ୍ୱୀକାର ପତ୍ର ପ୍ରେରଣ କରନ୍ତୁ ।

ଆପଣଙ୍କ ବିଶ୍ୱସ୍ତ

**(ପ୍ରଶାନ୍ତ ସରଣ)**
**ଭାରପ୍ରାପ୍ତ ମୁଖ୍ୟ ସାଧାରଣ ପରିଚାଳକ**